# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 14 December - 2024

### News Editor : Itishree Singh Rathaur

**************************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଶାସନ ସଚିବଙ୍କ ଜାତୀୟ ସମ୍ମିଳନୀ ଅନୁଷ୍ଠିତ : କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଭାଗିଦାରୀକୁ ସୁଦୃଢ଼ କରିବା ନେଇ ଆଲୋଚନା।
- ଲୋକସଭାରେ ଆସନ୍ତା ସୋମବାର "ଏକ ଦେଶ, ଏକ ନିର୍ବାଚନ" ନେଇ ଆଗତ ହେବ ଦୁଇଟି ବିଲ୍।
- କୋରାପୁଟରେ ଆଜି ଲୋକମହୋତ୍ସବ "ପରବ୍"କୁ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ।
- ରାଜ୍ୟବ୍ୟାପୀ ଅନୁଷ୍ଠିତ ହେଉଛି ଚତୁର୍ଥ ରାଷ୍ଟ୍ରୀୟ ଲୋକଅଦାଲତ।

ଏବଂ

- ଭୁବନେଶ୍ୱରରେ ଆରମ୍ଭ ହେଲା 'ପୂର୍ବୋଦୟ ଯୋଜନା ୨୦୨୪' ଅନ୍ତର୍ଜାତୀୟ ସମ୍ମିଳନୀ।

**Desk**

# ପିଏମ୍ ନାସନାଲ କନଫରେନ୍ସ

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ମୁଖ୍ୟ ଶାସନ ସଚିବଙ୍କ ଚତୁର୍ଥ ଜାତୀୟ ସମ୍ମିଳନୀରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧ୍ୟକ୍ଷତା କରିଛନ୍ତି। ସାଧାରଣ ବିକାଶ ଏବଂ ଏହାର କାର୍ଯ୍ୟକାରିତା ନେଇ ବୈଠକରେ ଆଲୋଚନା କରାଯିବା ସହିତ ରାଜ୍ୟଗୁଡ଼ିକର ସହଭାଗିଦାରିତା ନେଇ ଏକ ସମନ୍ୱିତ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯିବ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଭାଗିଦାରୀକୁ ଆହୁରି ସୁଦୃଢ଼ କରାଯିବା ନେଇ ଏହି ସମ୍ମିଳନୀରେ ବିସ୍ତୃତ ଆଲୋଚନା ହେଉଛି। ସମବାୟ ସଂଘୀୟ ବ୍ୟବସ୍ଥାକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ଦ୍ରୁତ ଅଭିବୃଦ୍ଧି ଓ ବିକାଶ ହାସଲ ପାଇଁ ଉତ୍ତମ ସମନ୍ୱୟ ସୁନିଶ୍ଚିତ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ। ଏହି ସମ୍ମିଳନୀରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଯୋଗ ଦେଉଛନ୍ତି। ଉଦ୍ୟୋଗ, ନିଯୁକ୍ତି ଏବଂ ଦକ୍ଷତାକୁ ପ୍ରୋତ୍ସାହିତ କରିବା ତଥା ଜନସଂଖ୍ୟାଗତ ଲାଭାଂଶର ଉପଯୋଗ ଶୀର୍ଷକ ପ୍ରସଙ୍ଗ ଉପରେ ଚଳିତବର୍ଷର ଏହି ଜାତୀୟ ସମ୍ମିଳନୀକୁ ଆୟୋଜନ କରାଯାଇଛି। ଉତ୍ପାଦନ, ସେବା, ଗ୍ରାମୀଣ ଅଣକୃଷି, ସହରାଞ୍ଚଳ, ଅକ୍ଷୟଶକ୍ତି, ଅର୍ଥନୀତି ଭଳି ୬ଟି କ୍ଷେତ୍ର ଉପରେ ଏହି ସମ୍ମିଳନୀରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏହି ସମ୍ମିଳନୀ ଗତକାଲିଠାରୁ ଆରମ୍ଭ ହୋଇଛି।

**Desk**

# ବିଲ୍-ଓ୍ୱାନ୍ ନେସନ୍ ଓ୍ୱାନ୍ ଇଲେକ୍ସନ

‘ଏକ ଦେଶ ଏକ ନିର୍ବାଚନ’ ସମ୍ପର୍କିତ ୨ଟି ବିଲ୍ ଆସନ୍ତା ସୋମବାର ଦିନ ଲୋକସଭାରେ ଆଗତ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି। ଆଇନ୍‌ମନ୍ତ୍ରୀ ଅର୍ଜୁନ ରାମ୍ ମେଘଓ୍ୱାଲ ଲୋକସଭାରେ ସମ୍ବିଧାନର ୧୨୯ତମ ସଂଶୋଧନ ବିଲ୍ ଏବଂ କେନ୍ଦ୍ରଶାସିତ ଅଂଚଳ ସଂଶୋଧନ ଆଇନ୍ ବିଲ୍ ଆଗତ କରିବେ। ସୂଚନାଯୋଗ୍ୟ, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଏହି ପ୍ରସଙ୍ଗ ନେଇ ତାଙ୍କ ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିଛନ୍ତି। ବିଭିନ୍ନ ରାଜନୈତିକ ଦଳ, ବିଶେଷଜ୍ଞ ଏବଂ ଅନ୍ୟ ଅଂଶୀଦାରଙ୍କ ସହ ବିଚାରବିମର୍ଶ ପରେ କମିଟି ରିପୋର୍ଟ ଦାଖଲ କରିଛନ୍ତି। ‘ଏକ ଦେଶ ଏକ ନିର୍ବାଚନ’କୁ ୨ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯିବାକୁ କମିଟି ସୁପାରିଶ୍ କରିଛି। ପ୍ରଥମ ପର୍ଯ୍ୟାୟରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ଏକାସମୟରେ ଅନୁଷ୍ଠିତ ହେବାକୁ ଥିବାବେଳେ ସାଧାରଣ ନିର୍ବାଚନର ୧୦୦ ଦିନ ମଧ୍ୟରେ ପଞ୍ଚାୟତ ଓ ପୌରପାଳିକା ଭଳି ସ୍ଥାନୀୟ ସଂସ୍ଥା ନିର୍ବାଚନ ଅନୁଷ୍ଠିତ ହେବା ନେଇ କମିଟି ରିପୋର୍ଟରେ ସୁପାରିଶ୍ କରିଛି।

***Desk***

# ଏଲ୍ଏସ୍ କନ୍‌ଷ୍ଟିଚ୍ୟୁସନ୍ ଡିସ୍କସନ୍

ଭାରତୀୟ ସମ୍ବିଧାନର ୭୫ବର୍ଷର ଗୌରବମୟ ଯାତ୍ରା ଉପରେ ଆଜି ଲୋକସଭାରେ ସ୍ୱତନ୍ତ୍ର ଆଲୋଚନା ଆରମ୍ଭ ହୋଇଛି। ସଂସଦୀୟ ବ୍ୟାପାର

ମନ୍ତ୍ରୀ କିରନ ରିଜିଜୁ ସମ୍ବିଧାନ ପ୍ରସ୍ତୁତିରେ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଅବଦାନକୁ ଉଚ୍ଚ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମ୍ବିଧାନିକ ଭାବନା ଅନୁଯାୟୀ, 'ସବ୍ କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ' ମନ୍ତ୍ର ଆଧାରରେ କାର୍ଯ୍ୟ କରୁଛନ୍ତି । ସ୍ୱାଧୀନତା ପରେ ସମସ୍ତଙ୍କ ପାଇଁ ସମାନ ଅଧିକାର ସୁନିଶ୍ଚିତ ହୋଇଛି । ଦେଶରେ ସଂଖ୍ୟାଲଘୁଙ୍କ ପ୍ରତି କୌଣସି ଭେଦଭାବ ନାହିଁ ଏବଂ ସେମାନଙ୍କୁ ଆଇନ୍‌ଗତ ସୁରକ୍ଷା ମିଳିପାରୁଛି । ସଂଖ୍ୟାଲଘୁ ସମ୍ପ୍ରଦାୟକଙ୍କ କଲ୍ୟାଣ ପାଇଁ ଦେଶରେ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

***Koraput***

## ମୁଖ୍ୟମନ୍ତ୍ରୀଙ୍କ କୋରାପୁଟ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ଦୁଇଦିନିଆ କୋରାପୁଟ ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି । ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ କୋରାପୁଟରେ ଲୋକମହୋତ୍ସବ 'ପରବ'ର ଉଦ୍‌ଘାଟନ କରିବେ । ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଜୟପୁର ଫୁଲବାଡ଼ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନୂତନ କୋଠା, ସରକାରୀ କ୍ୱାର୍ଟର, ଏୟାରଷ୍ଟ୍ରିପ୍‌ର ନବନିର୍ମିତ ଟର୍ମିନାଲ କୋଠାର ଲୋକାର୍ପଣ କରିବେ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

***BBSR***

# ପୂର୍ବୋଦୟ ଯୋଜନା

ଭୁବନେଶ୍ୱରରର ଏକ ଘରୋଇ ହୋଟେଲରେ ଆଜିଠାରୁ ଦୁଇଦିନିଆ ପୂର୍ବୋଦୟ ଯୋଜନା-୨୦୨୪ ଅନ୍ତର୍ଜାତୀୟ ସମ୍ମିଳନୀ ଆରମ୍ଭ ହେଉଛି। ସମ୍ମିଳନୀର ଦ୍ୱିତୀୟ ସଂସ୍କରଣର ବିଷୟବସ୍ତୁ ରହିଛି **"ଭାରତର ସାମୁଦ୍ରିକ ଐତିହ୍ୟର ପୁନରୁଦ୍ଧାର : ଦୃଷ୍ଟିକୋଣ, ସମ୍ଭାବନା ଓ ପୂର୍ବାନୁମାନ"।** ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପୂର୍ବତନ ସଚିବ ଜୟଦୀପ ମଜୁମଦାର ଓ ଭାରତୀୟ ଶିଳ୍ପ ମହାସଂଘ ସଭାପତି ସଞ୍ଜିବ ପୁରୀ ପ୍ରମୁଖ ଯୋଗଦେଇଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ ଭାରତ-ପ୍ରଶାନ୍ତ ମହାସାଗରୀୟ ସୁରକ୍ଷା ଏବଂ ଅର୍ଥନୈତିକ ଢାଞ୍ଚା, ସାମୁଦ୍ରିକ ନିରାପତ୍ତା କ୍ଷେତ୍ରରେ ଆଞ୍ଚଳିକ ସଂଗଠନର ଭୂମିକା ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୋଜନା, ନିର୍ଦ୍ଧାରଣ ଓ ଗବେଷଣା ବିଭାଗ **ଦ ଏନର୍ଜି ଫୋରମ ସି ଆଇ ଆଇ, ପୂର୍ବୋଦୟ ସଂସ୍ଥାନ** ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

***Desk***

# ଲୋକଅଦାଲତ

ରାଜ୍ୟରେ ଆଜି ଚଳିତବର୍ଷ ଚତୁର୍ଥ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହେଉଛି। ହାଇକୋର୍ଟର ୯ଟି କୋର୍ଟରେ ପୂର୍ବାହ୍ନ ୧୧ଟାରୁ ମାମଲାଗୁଡ଼ିକର ଶୁଣାଣି କରାଯାଉଛି। ଲୋକଅଦାଲତ ପାଇଁ ପ୍ରାୟ ଦେଢ଼ଲକ୍ଷ ମାମଲା ତାଲିକାଭୁକ୍ତ ହୋଇଛି। ଏଥିରେ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ସମସ୍ତ ତାଲୁକ ଆଇନସେବା କମିଟି

ପରିସରରେ ସକାଳେ ଚତୁର୍ଥ ରାଷ୍ଟ୍ରୀୟ ଲୋକଅଦାଲତରେ ବିଚାରାଧିନ ମୋକଦ୍ଦମା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, ଦେୱାନୀ ଓ ଫୌଜଦାରୀ ମାମଲାର ଆପୋଷ ସହମତିରେ ସମାଧାନ କରାଯାଇଛି। ଓଡ଼ିଶା ହାଇକୋର୍ଟ ସମେତ ବିଭିନ୍ନ ଅଦାଲତରେ ମାମଲାଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଉଛି। ଭଦ୍ରକ ଜିଲ୍ଲା ଜଜ୍‌କୋର୍ଟରେ ରାଷ୍ଟ୍ରୀୟ ଲୋକଅଦାଲତରେ ୪୩ଟି ଦୁର୍ଘଟଣା ମାମଲାର ଫଇସଲା କରାଯାଇଛି। ଏଥିସହ ୨ କୋଟି ୭୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ଚାନ୍ଦବାଲି, ବାସୁଦେବପୁର, ଧାମନଗର କୋର୍ଟରେ ମଧ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇ ବହୁ ମାମଲାର ଫଇସଲା କରାଯାଉଛି।

***Desk***

# ଶକ୍ତି ସଂରକ୍ଷଣ ଦିବସ

ଶକ୍ତି ସଂରକ୍ଷଣ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ କରାଯାଉଛି।

ରାଜ୍ୟପାଳ ରଘୁବର ଦାଶ ଏହି ଉପଲକ୍ଷେ ଶକ୍ତି ସଂରକ୍ଷଣ କରି ଦେଶର ଉନ୍ନତିରେ ସହଯୋଗ ଦେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

ଦକ୍ଷତାର ସହ ଶକ୍ତିର ବ୍ୟବହାର ଦ୍ୱାରା ଆଗାମୀ ପିଢ଼ୀଙ୍କ ପାଇଁ ଏକ ଉତ୍ତମ ଭବିଷ୍ୟତ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

ଏହି ଦିବସ ଉପଲକ୍ଷେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜ ବାର୍ତ୍ତାରେ କହିଛନ୍ତି ଶକ୍ତି ସଂରକ୍ଷଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପରିବେଶ ସନ୍ତୁଳନ ରଖିବା ଏବଂ ଆଗାମୀ ପିଢ଼ି ପାଇଁ ଏକ ଉଜ୍ଜ୍ୱଳ ଓ ସମୃଦ୍ଧମୟ ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ଶକ୍ତି ସଂରକ୍ଷଣ ଦିବସ ପାଳନ କରାଯାଉଛି । ଶକ୍ତି ବିଭାଗ ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ୩ ନଂ ଗେଟ୍‌ରୁ ପାୱାର ହାଉସ୍ ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ଏଥିରେ ଲୋକେ ଅଧିକ ଇ-ଗାଡ଼ି ବ୍ୟବହାର କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ପରାମର୍ଶ ଦେଇଛନ୍ତି ।

ପରିବେଶ ସନ୍ତୁଳନ ରକ୍ଷା କରିବା ଓ ଶକ୍ତି ସଂରକ୍ଷଣ କରି ଆଗାମୀ ପିଢ଼ୀଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।

***Desk***

## ଇ-ନିରାମୟ ବ୍ୟବସ୍ଥା

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ହସପିଟାଲରେ ଖୁବ୍‌ଶୀଘ୍ର ଇ-ନିରାମୟ ବ୍ୟବସ୍ଥା ଆରମ୍ଭ ହେବ । ପ୍ରଥମ ପର୍ଯ୍ୟାୟରେ

ସିଟିଭିଏସ୍, ୟୁରୋଲୋଜି, ଏଣ୍ଡୋକ୍ରୋନୋଲୋଜି ଭଳି ବିଭାଗରେ ପରୀକ୍ଷାମୂଳକ ଭାବେ ଏହା ଆରମ୍ଭ ହେବ। ଏଥିରୁ ଫଳାଫଳ ଦେଖିବା ପରେ ତର୍ଜମା କରାଯାଇ ଅନ୍ୟ ବିଭାଗଗୁଡ଼ିକରେ କାର୍ଯ୍ୟକାରୀ କରାଯିବା ନେଇ ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବ୍ୟବସ୍ଥା ଦ୍ୱାରା ସିଧାସଳଖ ଡ୍ରଗ୍ ୱେୟାର ହାଉସ୍, ଡ୍ରଗ ବଣ୍ଟନ କେନ୍ଦ୍ର ଓ ୱାର୍ଡ ସହିତ ଏହାର ସଂଯୋଗ ରହିବ। ଯାହାଫଳରେ ପ୍ରତିଟି ୱାର୍ଡରେ ସିଧାସଳଖ ଡାକ୍ତରଙ୍କ ଚିଠା ଅନୁସାରେ ଔଷଧ ପହଞ୍ଚିପାରିବ। ଏହାସହିତ ବଡ ମେଡିକାଲରେ ଓପିଡି ଓ ୱାର୍ଡରୁ ପୂର୍ବରୁ କରାଯାଇଥିବା ରକ୍ତ ସଂଗ୍ରହ ବ୍ୟବସ୍ଥା ଆରମ୍ଭ ହୋଇଥିବାବେଳେ ଏହାକୁ ମଧ୍ୟ ଆଉ ୬ଟି ୱାର୍ଡକୁ ବଢ଼ାଯିବ ବୋଲି ମେଡିକାଲ ପକ୍ଷରୁ କୁହାଯାଇଛି।

***Desk***

## ବାଲ୍‌ବୈଜ୍ଞାନିକ ପ୍ରଦର୍ଶନୀ

ରାଜ୍ୟସ୍ତରୀୟ ବାଲ୍‌ବୈଜ୍ଞାନିକ ପ୍ରଦର୍ଶନୀ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ। ବରଗଡ ଜିଲ୍ଲା ବରପାଲି ସରକାରୀ ବାଳକ ଉଚ୍ଚବିଦ୍ୟାଳୟରେ ବିଜ୍ଞାନ ଓ କାରିଗରୀକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ତିନିଦିନ ଧରି ଏହି ପ୍ରଦର୍ଶନୀ ଆୟୋଜିତ ହେବ। ଏନ୍‌ସିଇଆର୍‌ଟି ମାର୍ଗଦର୍ଶିକା ଅନୁଯାୟୀ ଶିକ୍ଷକ, ଶିକ୍ଷା ଏବଂ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

***Ganjam***

## ୫୬ ଜଣ ଶିଶୁଙ୍କୁ ପୋଷ୍ୟସନ୍ତାନ

ଗଞ୍ଜାମ ଜିଲ୍ଲାର ଏକ ବାଳାଶ୍ରମରୁ ଶିଶୁସୁରକ୍ଷା ସମିତି, ମହିଳା ଓ ଶିଶୁବିକାଶ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ୫୬ ଜଣ ଶିଶୁଙ୍କୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରାଯାଇଥିବା ନେଇ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସମଗ୍ର ଜିଲ୍ଲାରେ ପୋଷ୍ୟସନ୍ତାନ ଗ୍ରହଣ ନେଇ ସଚେତନତା ଚାଲୁଥିବାବେଳେ ଦେଶ ବାହାରୁ ୭ ଜଣ ଦମ୍ପତି ୫ ଜଣ ଶିଶୁଙ୍କୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିଛନ୍ତି।

***Desk***

## ଶୀତ

ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି। ୨୬ଟି ସହରର ସର୍ବନିମ୍ନ ତାପମାତ୍ରା ଗତକାଲି ୧୫ ଡିଗ୍ରୀ ତଳେ ରେକର୍ଡ କରାଯାଇଥିଲା। ରାଉରକେଲାରେ ରାତିର ସର୍ବନିମ୍ନ ତାପମାତ୍ରା ୭.୨ ଡିଗ୍ରୀ ସେଲସିୟସ ରହିଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଏହାପରେ ରାତ୍ରିର ସର୍ବନିମ୍ନ ତାପମାତ୍ରା ୩ ରୁ ୫ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଶୀତଲହରୀ ବୃଦ୍ଧି ପାଇବା ନେଇ ଝାରସୁଗୁଡ଼ା ଓ ସୁନ୍ଦରଗଡ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ସେହିଭଳି କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାର କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି।